# ତହସିଲଦାରଙ୍କ ଅଦାଲତ, କେନ୍ଦୁଝର

ରାଜସ୍ୱ ବିବିଧ ମାମଲା ନଂ.- ୨୧୩/୨୦୨୨

## ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲଭୁକ୍ତ ସରକାରୀ ଜମିକୁ ଇଡ଼କୋ କର୍ତ୍ତୃପକ୍ଷ, ଭୁବନେଶ୍ୱର କାରଖାନା ନିର୍ମାଣ ଉଦ୍ଦେଶ୍ୟରେ ଆବେଦନ କରିଛନ୍ତି । ଉକ୍ତ ଜମିର କିସମ ଗୋଚର ଥାଇ ଏହା ରକ୍ଷିତ ଖାତାରେ ଅଛି । ଏଣୁ ଆବେଦନ କରିଥିବା ଜମିର ସରକାରୀ ଉଦ୍ଦେଶ୍ୟରେ ସୁବିନିଯୋଗ ନିମନ୍ତେ ନିମ୍ନ ପ୍ରଦତ୍ତ ପ୍ରସ୍ତାବ ଅନୁଯାୟୀ ଏହାର ଖାତା ଓ କିସମ ପରିବର୍ତ୍ତନ ଅପରିହାର୍ଯ୍ୟ ହୋଇପଡିଛି । ତେଣୁ ଏହି ପରିବର୍ତ୍ତନ କରାଗଲେ ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷ/ସଂପୃକ୍ତ ଗ୍ରାମବାସୀ/ସଂପୃକ୍ତ ଗ୍ରାମ ପଞ୍ଚାୟତଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ, ତା ହେଲେ ସେ/ସେମାନେ ଏହି ଇସ୍ତାହାର ପ୍ରକାଶନର ୧୫ ଦିନ ମଧ୍ୟରେ ସେମାନଙ୍କର ଆପତ୍ତି ଅଭିଯୋଗ ଲିଖିତ ଆକାରରେ ଟ.୨୦.୦୦ଙ୍କା (କୋଡିଏ ଟଙ୍କା)ର କୋର୍ଟ ଫି ସଂଲଗ୍ନ କରି ନିମ୍ନ ସ୍ୱାକ୍ଷରକାରୀଙ୍କୁ ଦରଖାସ୍ତ କରିପାରିବେ ଏବଂ ତାହା ବିଚାର ପାଇଁ ଗ୍ରହଣ ଯୋଗ୍ୟ ହେବ । ନିର୍ଦ୍ଧାରିତ ସମୟ ପରେ କୌଣି ଆପତ୍ତି ଦରଖାସ୍ତ ବିଚାର ପାଇଁ ଯୋଗ୍ୟ ବିବେଚିତ ହେବନାହିଁ।

<table>
<tr><th colspan="4">Land schedule</th><th colspan="4">Mouza- Ratanpur</th></tr>
<tr><th colspan="4">Applied Land Schedule</th><th colspan="4">Proposed to change</th></tr>
<tr><th>Khata No.</th><th>Plot No.</th><th>Kisam</th><th>Total Area (in Ac)</th><th>Khata No.</th><th>Plot No.</th><th>kissam</th><th>Area applied for lease (in Ac)</th></tr>
<tr><td rowspan="3">62 (Rakshit)</td><td>31</td><td>Gochar</td><td>11.650</td><td rowspan="3">64 (AJA)</td><td>31/1</td><td>Patit</td><td>6.224</td></tr>
<tr><td>114</td><td>Gochar</td><td>0.34</td><td>114</td><td>Patit</td><td>0.34</td></tr>
<tr><td>289</td><td>Gochar</td><td>5.30</td><td>289</td><td>Patit</td><td>5.30</td></tr>
<tr><td></td><td colspan="6">Total area</td><td>11.864</td></tr>
</table>

ତହସିଲଦାର, କେନ୍ଦୁଝର

ଏହାର ଏକକିତା ନକଲ ସଂପୃକ୍ତ ଗ୍ରାମରେ ଡାକ ବାଜି ଯନ୍ତ୍ର ଦ୍ୱାରା ପ୍ରଚାର ଓ ପ୍ରସାର ପାଇଁ / ଅନ୍ୟ ଏକକିତା ସଂପୃକ୍ତ ଗ୍ରାମ ପଞ୍ଚାୟତଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ/ ଏକକିତା ନକଲ ଜିଲ୍ଲା ୱେବସାଇଟ (www.kendujhar.nic.in)ରେ ଏବଂ ଅନ୍ୟ ଏକକିତା ତହସିଲ କାର୍ଯ୍ୟାଳୟ, କେନ୍ଦୁଝରଙ୍କ ନୋଟିସ୍ ବୋର୍ଡରେ ପ୍ରକାଶନ ପାଇଁ ପ୍ରେରିତହେଲା ।

ତହସିଲଦାର, କେନ୍ଦୁଝର

Scanned with OKEN Scanner

# ତହସିଲଦାରଙ୍କ ଅଦାଲତ, କେନ୍ଦୁଝର

ଆଲାଇନେଶନ୍ କେଶ୍ ନଂ- ୧୭/୨୦୨୨

## ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲଭୁକ୍ତ ସରକାରୀ ଜମିରେ ବାଣିଜ୍ୟ ଓ ପରିବହନ ବିଭାଗ, ଓଡିଶା ସରକାରଙ୍କର ନାମେ Inspection & Certification Center ନିର୍ମାଣ ଉଦ୍ଦେଶ୍ୟରେ ଜିଲ୍ଲା ପରିବହନ ଅଧିକାରୀ, କେନ୍ଦୁଝର ଆବେଦନ କରିଛନ୍ତି । ଉକ୍ତ ସରକାରୀ ଜମିକୁ ସେହି ଉଦ୍ଦେଶ୍ୟରେ ବାଣିଜ୍ୟ ଓ ପରିବହନ ବିଭାଗ, ଓଡିଶା ସରକରଙ୍କ ନାମରେ ହସ୍ତାନ୍ତର କରାଗଲେ ଯଦି କୌଣସି ବ୍ୟକ୍ତି ବିଶେଷ/ ସଂପୃକ୍ତ ଗ୍ରାମବାସୀ / ସଂପୃକ୍ତ ମୁନସିପାଲିଟିର କୌଣସି ଆପତ୍ତି ଅଭିଯୋଗ ଥାଏ, ତା ହେଲେ ସେ/ ସେମାନେ ଏହି ଇସ୍ତାହାର ପ୍ରକାଶନର ୧୫ ଦିନ ମଧ୍ୟରେ ସେମାନଙ୍କର ଆପତ୍ତି ଅଭିଯୋଗ ଲିଖିତ ଆକାରରେ ଟ.୨୦.୦୦ଙ୍କା (କୋଡିଏ ଟଙ୍କା)ର କୋର୍ଟ ଫି ସଂଲଗ୍ନ କରି ନିମ୍ନ ସ୍ୱାକ୍ଷରକାରୀଙ୍କୁ ଦରଖାସ୍ତ କରିପାରିବେ ଏବଂ ତାହା ବିଚାର ପାଇଁ ଗ୍ରହଣ ଯୋଗ୍ୟ ହେବ। ନିର୍ଦ୍ଧାରିତ ସମୟ ପରେ କୌଣି ଆପତ୍ତି ଦରଖାସ୍ତ ବିଚାର ପାଇଁ ଯୋଗ୍ୟ ବିବେଚିତ ହେବନାହିଁ।

ତଫସିଲ

ମୌଜା- ରାମଚନ୍ଦ୍ରପୁର

| ଖାତା ନଂ | ପ୍ଲଟ ନଂ | କିସମ | ମୋଟ ରକବା (ଏକରରେ) | ଆଲାଇନେଶନ୍ ପାଇଁ ପ୍ରସ୍ତାବିତ ରକବା (ଏକରରେ) |
|---|---|---|---|---|
| ୬୭ (ଆ.ଯୋ.ଅ) | ୧୪୫/୮୫୯ | ପତିତ | ୪.୦୦ | ୪..୦୦ |
| | | | ମୋଟ୍ | ୪.୦୦ |

(Signature) ୨୨.୫.୨୩
ତହସିଲଦାର, କେନ୍ଦୁଝର
KEONJHAR

ଏହାର ଏକକିତା ନକଲ ସଂପୃକ୍ତ ଗ୍ରାମରେ ଡାକ ବାଜି ଜନ୍ତ ଦ୍ୱାରା ପ୍ରଚାର/ପ୍ରସାର ପାଇଁ ପ୍ରେରିତ କରାଗଲା / ଅନ୍ୟ ଏକକିତା ନକଲ District Website: www. Kendujhar.nic.in ରେ ପ୍ରକାଶନ ପାଇଁ /ଅନ୍ୟ ଏକକିତା ନକଲ ସଂପୃକ୍ତ ଗ୍ରାମ ପଞ୍ଚାୟତଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ଏବଂ ଅନ୍ୟ ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କେନ୍ଦୁଝରଙ୍କ ନୋଟିସ୍ ବୋର୍ଡରେ ପ୍ରକାଶନ ପାଇଁ ପ୍ରେରିତ ହେଲା

ତହସିଲଦାର, କେନ୍ଦୁଝର
TAHASILDAR
KEONJHAR

Scanned with OKEN Scanner